BHU/Odi

ଆଜିର ପଞ୍ଜିକା

ଅଦ୍ୟ ତା.୧୫.୦୫.୨୦୨୪, ବୃଷ ୨ ଦିନ, ବୈଶାଖ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ, ବୁଧବାର। ଅଷ୍ଟମୀ : ୬୦ ଦଣ୍ଡ ଅହୋରାତ୍ର। ଅଶ୍ଳେଷା : ଅପରାହ୍ଣ ୩ଟା ୨୫ ମିନିଟ୍। କର୍କଟ ଚନ୍ଦ୍ର: ଅପରାହ୍ଣ ୩ଟା ୨୫ ମିନିଟ୍। ସୂର୍ଯ୍ୟୋଦୟ : ୫ଟା ୧୭ ମିନିଟ୍ ୧୨ ସେକେଣ୍ଡ, ସୂର୍ଯ୍ୟାସ୍ତ: ୬ଟା ୧୩ ମିନିଟ୍ ୫୪ ସେକେଣ୍ଡ। ଯୋଗିନୀ ଐଶାନ୍ୟେ, ପୁଷ୍କର ଦୋଷ ନାସ୍ତି। ନଡ଼ିଆ ଖାଇବା ମନା, ଖାଇଲେ ମୂର୍ଖ ହେବେ। ଅମୃତ ବେଳା : ସକାଳ ୭ଟା ୪୨ ମିନିଟ୍ ଗତେ, ୯ଟା ୩୫ ମିନିଟ୍ ମଧ୍ୟେ, ଅପରାହ୍ଣ ୨ଟା ୪୭ ମିନିଟ୍ ଗତେ, ସନ୍ଧ୍ୟା ୫ଟା ୨୪ ମିନିଟ୍ ମଧ୍ୟେ।

ଆଜିର ରାଶିଫଳ

ମେଷ: ଅପରାହ୍ଣ ୩ଟା ୨୫ ମିନିଟ୍ ପର୍ଯ୍ୟନ୍ତ ଚତୁର୍ଥ ଚନ୍ଦ୍ର ଏବଂ ପରେ ପଞ୍ଚମ ଚନ୍ଦ୍ର ଭୋଗ ହେଲେ ମଧ୍ୟ ଘାତ ନକ୍ଷତ୍ର ଯୋଗୁ ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ ଏବଂ ମାନ ସମ୍ମାନ ହାନି ହେବ। ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ଚାଲିଚଳନ, ବ୍ୟବହାର ବିବାଦୀୟ ହେବ। ସନ୍ତାନମାନେ ବିଶୃଙ୍ଖଳିତ ହେବେ ଏବଂ ପିତାମାତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି ଦେଖାଦେବ ଏବଂ କର୍ମରେ ବିଶେଷ ସଫଳତା ମିଳିବ ନାହିଁ। ଯେଉଁମାନଙ୍କର ଅଶ୍ୱିନୀ ଓ କୃତ୍ତିକା ମେଷ, ସେମାନେ ସତର୍କ ହେବେ। ଶୁଭରଙ୍ଗ : ଲାଲ୍, ସଂଖ୍ୟା : ୧୧, ଆରାଧନା : ପ୍ରଭୁ ହନୁମାନ।

ବୃଷ: ଅପରାହ୍ଣ ୩ଟା ୨୫ ମିନିଟ୍ ପର୍ଯ୍ୟନ୍ତ ତୃତୀୟ ଚନ୍ଦ୍ର, ବୁଧବାର ଏବଂ ବୁଧଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ସେ ସମୟ ପର୍ଯ୍ୟନ୍ତ ମନରେ ପ୍ରସନ୍ନତା, ଚାଲିଚଳନରେ ସଂଯମତା ଏବଂ ସମସ୍ତ କର୍ମରେ ତତ୍ପରତା ଓ ସମୟାନୁବର୍ତ୍ତିତା ପ୍ରକାଶ ପାଇବ। ବାଣିଜ୍ୟ, ବ୍ୟବସାୟରେ ଆୟ ଉତ୍ତମ ହେବ ଏବଂ କର୍ମରେ ଆଶାଠାରୁ ଅଧିକ ସଫଳତା ମିଳିବ। ଏହା ପରେ ଚତୁର୍ଥ ଚନ୍ଦ୍ର ଯୋଗୁ ସମସ୍ତ କର୍ମରେ ବିଘ୍ନ ଏବଂ ଅର୍ଜିଥିବା ଆୟ ବଦ୍‌ଖର୍ଚ୍ଚରେ ଯିବ। ବାଣିଜ୍ୟ, ବ୍ୟବସାୟରେ କ୍ଷତି ଦେଖାଦେବ ଏବଂ କର୍ମରେ ବହୁବିଧ ସମସ୍ୟା ଦେଖାଦେବ। ଯେଉଁମାନଙ୍କର କୃତ୍ତିକା ଓ ରୋହିଣୀ ବୃଷ, ସେମାନେ ସତର୍କ ହେବେ। ଶୁଭ ରଙ୍ଗ : ଧଳା, ସଂଖ୍ୟା : ୪, ଆରାଧନା : ମା' ଗାୟତ୍ରୀ।

ମିଥୁନ: ଦ୍ୱିତୀୟ ଓ ତୃତୀୟ ଚନ୍ଦ୍ର, ବୁଧବାର ଏବଂ ବୁଧଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଅସମ୍ଭବକୁ ସମ୍ଭବ କରିବାରେ ସମର୍ଥ ହେବେ ଏବଂ ସମସ୍ତ ଆଶା, ଆକାଂକ୍ଷା, ଅଭିଳାଷ ପୂର୍ଣ୍ଣ ହେବ। ନୂତନ କର୍ମାରମ୍ଭ କରିପାରନ୍ତି କିମ୍ବା ନୂତନ ନିଯୁକ୍ତି ମିଳିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ କର୍ମରେ ସଫଳତା ଓ ସମସ୍ତ କର୍ମରେ ଆପଣଙ୍କର କର୍ମକୁଶଳତା ଓ କାର୍ଯ୍ୟଦକ୍ଷତା ପ୍ରକାଶ ପାଇବ। ଯେଉଁମାନଙ୍କର ମୃଗଶିରା ମିଥୁନ, ସେମାନେ ସୁଫଳ ପାଇବେ। ଶୁଭ ରଙ୍ଗ: କଫି, ସଂଖ୍ୟା : ୧୭, ଆରାଧନା : ମା' ତ୍ରିପୁରସୁନ୍ଦରୀ।

କର୍କଟ: ଶ୍ରୀଚନ୍ଦ୍ର ଏବଂ ଦ୍ୱିତୀୟ ଚନ୍ଦ୍ର ଉଭୟ ଭୋଗ ହେଉଥିବାରୁ ଏବଂ ଘାତବାର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ। ସନ୍ତାନରେ ସୁସମ୍ପର୍କ, ପରିବାରରେ ସୁଖଶାନ୍ତି ଏବଂ ପରିବାର ସହ କୌଣସି ମାଙ୍ଗଳିକ କର୍ମରେ ଯୋଗଦେବେ। ଧନର ସଦ୍‌ବିନିଯୋଗ କରିବେ ଏବଂ ଆୟର ନୂତନ ପନ୍ଥା ଖୋଲିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ କର୍ମରେ ସଫଳତା ମିଳିଲେ ମଧ୍ୟ କିଛି ସମସ୍ୟା ଦେଖାଦେବ। ଯେଉଁମାନଙ୍କର ପୁଷ୍ୟା କର୍କଟ, ସେମାନେ ସୁଫଳ ପାଇବେ। ଶୁଭରଙ୍ଗ: ଲାଲ୍, ସଂଖ୍ୟା: ୧, ଆରାଧନା : ଭଗବାନ ଶିବ।

ସିଂହ: ଅପରାହ୍ଣ ୩ଟା ୨୫ ମିନିଟ୍ ପର୍ଯ୍ୟନ୍ତ ଦ୍ୱାଦଶ ଚନ୍ଦ୍ର ଯୋଗୁ ଆୟ ଅପେକ୍ଷା ବ୍ୟୟ ଅଧିକ ରହିବ ଏବଂ ଆର୍ଥିକ ସଙ୍କଟ ଦେଖାଦେବ। ମନରେ ଅସ୍ଥିରତା, ସମସ୍ତ କର୍ମରେ ଅଳସୁଆମି, ମନରେ ଅଯଥା ଚିନ୍ତା ଏବଂ ବୃଥା ଭାବନା ପ୍ରକାଶ ପାଇବ। ବାଣିଜ୍ୟ, ବ୍ୟବସାୟରେ ଆୟ ସ୍ୱଳ୍ପ ହେବ ଏବଂ କର୍ମରେ ଅଯଥା ବିଳମ୍ବ ଦେଖାଦେବ। ଏହା ପରେ ଶ୍ରୀଚନ୍ଦ୍ର ଯୋଗୁ ସମସ୍ତ କର୍ମରେ ଓ ବ୍ୟବସାୟରେ କିଛିଟା ଶୁଭଫଳ ମିଳିବ। ଯେଉଁମାନଙ୍କର ମଘା ସିଂହ, ସେମାନେ ସତର୍କ ହେବେ। ଶୁଭ ରଙ୍ଗ : ସିଲଭର, ସଂଖ୍ୟା : ୩, ଆରାଧନା : ମା' ମାଣିକେଶ୍ୱରୀ।

କନ୍ୟା: ଅପରାହ୍ଣ ୩ଟା ୨୫ ମିନିଟ୍ ପର୍ଯ୍ୟନ୍ତ ଏକାଦଶ ଚନ୍ଦ୍ର, ବୁଧବାର ଏବଂ ବୁଧଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଆୟରେ ଆଶାତୀତ ଅଭିବୃଦ୍ଧି ଏବଂ ନୂତନ ଆୟର ପନ୍ଥା ଖୋଲିବ। ଅନ୍ୟକୁ ଦେଇଥିବା ଧନ ଓ ବକେୟା ଧନ ଆଦାୟ ହେବ ଏବଂ ଗୁପ୍ତଧନ ପେଇପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ କର୍ମରେ ସଫଳତା ଓ ସମ୍ମାନ ମିଳିବ। ଏହା ପରେ ଦ୍ୱାଦଶ ଚନ୍ଦ୍ର ଯୋଗୁ ମନରେ ଅସ୍ଥିରତା, ପରିବାରରେ ଅଶାନ୍ତି ଏବଂ ପରିବାରର କୌଣସି ସଦସ୍ୟଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ। ବାଣିଜ୍ୟ, ବ୍ୟବସାୟ ମନ୍ଥର ରହିବ ଏବଂ କର୍ମରେ ବିଘ୍ନ ଘଟିବ। ଯେଉଁମାନଙ୍କର ହସ୍ତା କନ୍ୟା, ସେମାନେ ଉପକୃତ ହେବେ। ଶୁଭ ରଙ୍ଗ : ସବୁଜ, ସଂଖ୍ୟା : ୪, ଆରାଧନା : ମା' ଗୋଚଣା।

ତୁଳା: ଦଶମ ଓ ଏକାଦଶ ଚନ୍ଦ୍ର, ବୁଧବାର ଏବଂ ବୁଧ, କେତୁ, ଉଭୟଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଆକସ୍ମିକ ଧନଲାଭ ଏବଂ ଗୁପ୍ତଧନ ପେଇପାଇବେ। ଭାଗ୍ୟରେ, କର୍ମରେ ଏବଂ ଅର୍ଥିକ ଅବସ୍ଥାରେ ଉନ୍ନତି ଆସିବ ଏବଂ ସମସ୍ତ ଇପ୍ସିତ ପଦାର୍ଥ ହାତ ପାଆନ୍ତାରେ ଉପଲବ୍ଧ ହେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ କର୍ମରେ ସଫଳତା ଓ ପ୍ରମୋସନ ମିଳିପାରେ। ଯେଉଁମାନଙ୍କର ଚିତ୍ରା ଓ ସ୍ୱାତୀ ତୁଳା, ସେମାନେ ସୁଫଳ ପାଇବେ। ଶୁଭ ରଙ୍ଗ: ଚକୋଲେଟ୍, ସଂଖ୍ୟା: ୧୨, ଆରାଧନା: ପ୍ରଭୁ ଶ୍ରୀରାମ।

ବିଛା: ନବମ ଓ ଦଶମ ଚନ୍ଦ୍ର ଉଭୟ ଭୋଗ ହେଉଥିବାରୁ ଉଚ୍ଚ ସମ୍ମାନ, ଉଚ୍ଚ ପଦବୀ ପ୍ରାପ୍ତ ହେବ ଏବଂ କୌଣସି ସଭା କିମ୍ବା ସଙ୍ଗଠନର ନେତୃତ୍ୱ ନେବେ। ମନରେ ଉନ୍ନତ ଚିନ୍ତାଧାରା ଓ ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ମନୋବଳ ସୁଦୃଢ଼ ହେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ ନୂତନ ବ୍ୟବସାୟ ପାଇଁ ଚୁକ୍ତିବଦ୍ଧ ହେବେ। କର୍ମରେ ସଫଳତା, ସହକର୍ମୀଙ୍କ ସହାୟତା ଏବଂ ଉପରିସ୍ଥ ଅଧିକାରୀଙ୍କ କୃପା ଲାଭ କରିବେ। ଯେଉଁମାନଙ୍କର ଅନୁରାଧା ଓ ଜ୍ୟେଷ୍ଠା ବିଛା, ସେମାନେ ସୁଫଳ ପାଇବେ। ଶୁଭରଙ୍ଗ : ଗୋଲାପି, ସଂଖ୍ୟା : ୧୧, ଆରାଧନା : ମା' ଚଣ୍ଡୀ।

ଧନୁ: ଅପରାହ୍ଣ ୩ଟା ୨୫ ମିନିଟ୍ ପର୍ଯ୍ୟନ୍ତ ଅଷ୍ଟମ ଚନ୍ଦ୍ର ଯୋଗୁ ସମସ୍ତ କର୍ମରେ ଓ ବ୍ୟବସାୟରେ ବିଘ୍ନ ଓ ଅଶୁଭଫଳ ମିଳିବ। ମନରେ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ଶାରୀରିକ ପୀଡ଼ା ଭୋଗିବେ। ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ ଏବଂ ଉଚିତ୍ କର୍ମରୁ ବିଚ୍ୟୁତ ହୋଇ ଅନୁଚିତ୍ କର୍ମରେ ଆଗ୍ରହ ରଖିବେ। ଏହା ପରେ ନବମ ଚନ୍ଦ୍ର ଯୋଗୁ ସମସ୍ତ କର୍ମରେ ଓ ବ୍ୟବସାୟରେ ଶୁଭଫଳ ମିଳିବ। ଯେଉଁମାନଙ୍କର ଉତ୍ତରାଷାଢ଼ା ଓ ମୂଳା ଧନୁ, ସେମାନେ ସତର୍କ ହେବେ। ଶୁଭ ରଙ୍ଗ : ଲାଲ, ସଂଖ୍ୟା : ୫, ଆରାଧନା: ମା' ତାରା।

ମକର: ଅପରାହ୍ଣ ୩ଟା ୨୫ ମିନିଟ୍ ପର୍ଯ୍ୟନ୍ତ ସପ୍ତମ ଚନ୍ଦ୍ର ଯୋଗୁ ସେ ସମୟ ପର୍ଯ୍ୟନ୍ତ ମନରେ ପ୍ରସନ୍ନତା, ଦାମ୍ପତ୍ୟ ଜୀବନରେ ମଧୁରତା ଏବଂ ପରିବାରର କୌଣସି ସଦସ୍ୟ କିମ୍ବା ପୁତ୍ରକନ୍ୟାଙ୍କର ମାଙ୍ଗଳିକ କର୍ମକୁ ନେଇ ବ୍ୟସ୍ତ ରହିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ଏବଂ କର୍ମରେ କିଛିଟା ସଫଳତା ମିଳିବ। ଏହା ପରେ ଘାତଚନ୍ଦ୍ର ଯୋଗୁ ସମସ୍ତ କର୍ମରେ ବିଘ୍ନ, ମନରେ ଅସ୍ଥିରତା, ବାଣିଜ୍ୟ, ବ୍ୟବସାୟରେ କ୍ଷତି ଏବଂ ପରିବାରରେ ଅଶାନ୍ତିର ବାତାବରଣ ରହିବ। ଯେଉଁମାନଙ୍କର ଉତ୍ତରାଷାଢ଼ା ଓ ଶ୍ରବଣା ମକର, ସେମାନେ ସତର୍କ ହେବେ। ଶୁଭ ରଙ୍ଗ : ବାଇଗଣୀ, ସଂଖ୍ୟା : ୧୧, ଆରାଧନା : ମା' ଦୁର୍ଗା।

କୁମ୍ଭ: ଷଷ୍ଠ ଓ ସପ୍ତମ ଚନ୍ଦ୍ର, ବୁଧବାର ଏବଂ ବୁଧ, କେତୁ ଉଭୟଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଆଜି ସମସ୍ତ କର୍ମ ଆପଣଙ୍କ ପାଇଁ ସହଜ ହେବ। ଦୁଃଖ, କ୍ଲେଶ, ରୋଗ, ଋଣ ଏବଂ ଅବସାଦମୁକ୍ତ ହେବେ ଏବଂ ପରିଚିତ ମହିଳାଙ୍କ ଦ୍ୱାରା ଉପକୃତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ କର୍ମରେ ସଫଳତା, ଉଚ୍ଚ ସମ୍ମାନ, ଉଚ୍ଚ ପଦବୀ ପ୍ରାପ୍ତ ହେବ। ଯେଉଁମାନଙ୍କର ଧନିଷ୍ଠା ଓ ଶତଭିଷା କୁମ୍ଭ, ସେମାନେ ସୁଫଳ ପାଇବେ। ଶୁଭରଙ୍ଗ : କଳା, ସଂଖ୍ୟା : ୬, ଆରାଧନା : ମା' କାଳୀ।

ମୀନ: ପଞ୍ଚମ ଓ ଷଷ୍ଠ ଚନ୍ଦ୍ର ଉଭୟ ଭୋଗ ହେଉଥିବାରୁ ଏବଂ ଅପରାହ୍ଣ ୩ଟା ୨୫ ମିନିଟ୍ ପର୍ଯ୍ୟନ୍ତ ଘାତ ନକ୍ଷତ୍ର ରହୁଥିବାରୁ ସେ ସମୟ ପର୍ଯ୍ୟନ୍ତ ସମସ୍ତ କର୍ମରେ କିଛି ସମସ୍ୟା ଆସିପାରେ। ବିଦ୍ୟାରେ ବିଚକ୍ଷଣତା, ସନ୍ତାନମାନଙ୍କର କୃତଜ୍ଞତା, ସମସ୍ତ କର୍ମରେ ଆଶାଠାରୁ ଅଧିକ ସଫଳତା ଏବଂ ପରୋପକାର, ସମାଜସେବାରେ ନିଜକୁ ସାମିଲ କରିବେ। ବାଣିଜ୍ୟ, ବ୍ୟବସାୟରେ ଆୟ ଅତି ଉତ୍ତମ ହେବ ଏବଂ ଆର୍ଥିକ ସ୍ଥିତି ସୁଧୁରିଯିବ। ଯେଉଁମାନଙ୍କର ଉତ୍ତରଭାଦ୍ର ଓ ରେବତୀ ମୀନ, ସେମାନେ ସୁଫଳ ପାଇବେ। ଶୁଭ ରଙ୍ଗ : ଲାଲ, ସଂଖ୍ୟା : ୨, ଆରାଧନା : ପ୍ରଭୁ ଶ୍ରୀଜଗନ୍ନାଥ।

ବିଶେଷ ସୂଚନା

ସମସ୍ତ ରାଶିର ବ୍ୟକ୍ତିମାନେ ଦିନଟି ଶୁଭ ହେବା ପାଇଁ ଉକ୍ତ ମନ୍ତ୍ରଟି ଉଚ୍ଚାରଣ କରି ପାଠ କରନ୍ତୁ।

ରଷ୍ୟାଦି : ଓଁ ଅସ୍ୟ ଶ୍ରୀ ବୁଧ ମହାମନ୍ତ୍ରସ୍ୟ, କାତ୍ୟାୟନ ଋଷିଃ ଅନୁଷ୍ଟୁପ୍ ଛନ୍ଦଃ ଅଦ୍ୟ ଦିବସ ଦିବସାଧିପତି ବୁଧ ଦେବତା ସୁପ୍ରୀତୟେ ମନ୍ତ୍ର ଜପେ ବିନିଯୋଗଃ । (୧ ଥର)

ମନ୍ତ୍ର : ଓଁ ଐଂ ଶ୍ରୀଂ ଶ୍ରୀଂ ବୁଧାୟ ନମଃ । (୧୦୮ ଥର) (ସକାଳେ, ସନ୍ଧ୍ୟାରେ ୨ ଥର)

ହିତବାଣୀ : ଆତ୍ମାପରାଧବୃକ୍ଷସ୍ୟ ଫଳାନ୍ୟେତାନି ଦେହିନାମ୍। ଦାରିଦ୍ର୍ୟରୋଗ ଦୁଃଖାନି ବନ୍ଧନବ୍ୟସନାନି ଚ॥

ଭାବାର୍ଥ: ଦରିଦ୍ରତା, ରୋଗ, ଦୁଃଖ, ବନ୍ଧନ ଓ ବ୍ୟସନ ଆଦି ହେଉଛି ମନୁଷ୍ୟର ଅପରାଧରୂପୀ ବୃକ୍ଷର ଫଳ। ଯିଏ ଯେପରି ବୁଣିଥାଏ ସେ ସେପରି ଫଳ ପାଇଥାଏ। ଏଣୁ ସବୁବେଳେ ଭଲ କାମ କରିବା ଉଚିତ୍। (ଚାଣକ୍ୟ)

ଜ୍ୟୋତିର୍ବିଦ: କୈଳାସ ଦାଶ
Mob.: 9437133473

ଗାଏନାରେ ସେମି ଫାଇନାଲ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୧୪।୫(ଏଜେନ୍ସି): ଆଗାମୀ ଟି-ଟ୍ୱେଣ୍ଟି ବିଶ୍ୱକପରେ ଭାରତୀୟ ଦଳ ଗାଏନାରେ ସେମି ଫାଇନାଲ୍ ମୁକାବିଲା ଖେଳିବ। କ୍ରୀଡ଼ାସୂଚୀ ଅନୁଯାୟୀ ଗାଏନା ସ୍ଥିତ ପ୍ରୋଭିନ୍ସ ଷ୍ଟାଡ଼ିୟମ୍ ଓ ତ୍ରିନିଦାଦ ସ୍ଥିତ ତାରୌବାରେ ଉଭୟ ସେମି ଫାଇନାଲ୍ ଖେଳାଯିବ। ଭାରତ ନକ୍ ଆଉଟ୍‌କୁ ଯୋଗ୍ୟତା ଅର୍ଜନ କଲେ ଗାଏନାରେ ସେମି ଫାଇନାଲ୍ ଖେଳିବ। ଭାରତୀୟ କ୍ରିକେଟ୍ ପ୍ରେମୀଙ୍କୁ ନଜରରେ ରଖି ଆଇସିସି ଏହି ନିଷ୍ପତ୍ତି ନେଇଛି।

ଜୁନ ୨୬ ତାରିଖରେ ତ୍ରିନିଦାଦରେ ପ୍ରଥମ ସେମି ଫାଇନାଲ ଅନୁଷ୍ଠିତ ହେବ। ସ୍ଥାନୀୟ ସମୟ ରାତି ୮.୩୦ରେ ଏହି ମ୍ୟାଚ୍ ଆରମ୍ଭ ହେବ। ସେତେବେଳେ ଭାରତରେ ପରଦିନ ସକାଳ ୬ଟା ବାଜି ସାରିଥିବ। ଏହି ସମୟରେ ଭାରତୀୟ କ୍ରିକେଟ୍ ପ୍ରେମୀ ସକାଳୁ ଉଠି ମ୍ୟାଚ୍ ଦେଖିପାରିବେ ନାହିଁ। ଗାଏନାରେ ଦ୍ୱିତୀୟ ସେମି ଫାଇନାଲ୍ ଖେଳାଯିବ। ଏହି ମ୍ୟାଚ୍ ସ୍ଥାନୀୟ ସମୟ ଦିନ ୧୦.୩୦ ମିନିଟ୍‌ରେ ରହିଛି। ଭାରତରେ ଏହି ସମୟରେ ରାତି ୮ଟା ହୋଇଥିବ। ତେଣୁ ଭାରତୀୟ ଦର୍ଶକ ଏହି ମ୍ୟାଚ୍‌ର ମଜା ଉଠାଇ ପାରିବେ।

ବ୍ରିଜଟାଉନ୍‌ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଏହା ମଧ୍ୟ ଦିନ ମ୍ୟାଚ୍। ସ୍ଥାନୀୟ ସମୟ ସକାଳ ୧୦ଟାରେ ମ୍ୟାଚ୍ ଆରମ୍ଭ ହେବ। ଏହି ସମୟରେ ଭାରତରେ ରାତି ୭.୩୦ହୋଇଥିବ।

ଦ୍ୱିତୀୟ ସେମି ଫାଇନାଲ୍‌ରେ ରିଜର୍ଭ ଦିବସ ରଖାଯାଇ ନାହିଁ। ବର୍ଷା ହେଲେ ମ୍ୟାଚ୍‌କୁ ୪ଘଣ୍ଟା ୧୦ ମିନିଟ୍ ପର୍ଯ୍ୟନ୍ତ ଘୁଞ୍ଚାଯାଇ ପାରିବ। ମାତ୍ର ଆଉ ଗୋଟିଏ ଦିନକୁ ଅପେକ୍ଷା କରାଯିବ ନାହିଁ। ପ୍ରଥମ ସେମି ଫାଇନାଲ୍ ପାଇଁ ୩ଘଣ୍ଟା ୧୦ ମିନିଟ୍ ଅତିରିକ୍ତ ସମୟ ରଖାଯାଇଛି। ବର୍ଷା ହେଲେ ଆବଶ୍ୟକ ସ୍ଥଳେ ୩ଘଣ୍ଟା ୧୨ ମିନିଟ୍ ପରେ ମ୍ୟାଚ୍ ଆରମ୍ଭ କରାଯାଇ ସମ୍ପୂର୍ଣ୍ଣ ୨୦ ଓଭର ଖେଳାଯାଇପାରିବ।

ଅରବିନ୍ଦ ସ୍ମାରକୀ ୧୬ବର୍ଷରୁ କମ୍ କ୍ରିକେଟ୍
କ୍ୱାର୍ଟର ଫାଇନାଲ୍‌ରେ ଗ୍ରୀନ୍ସ

ଭୁବନେଶ୍ୱର, ୧୪।୫ (ବ୍ୟୁରୋ): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଅରବିନ୍ଦ ସ୍ମାରକୀ ୧୬ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗ୍ରୀନ୍ସ କ୍ରିକେଟ୍ ଆସୋସିଏସନ୍ ବୃହତ୍ ବିଜୟ ସହ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛି। ଆଜି ଅନୁଷ୍ଠିତ ଅଷ୍ଟମ ପ୍ରି-କ୍ୱାର୍ଟରରେ ଦଳ ୧୦ ୱିକେଟ୍‌ରେ ସିଏବି ଟିମ୍‌କୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ସିଏବି ପ୍ରଥମେ ବ୍ୟାଟିଂ କରି ୯.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୩୩ ରନ୍ କରିଥିଲା। ଓମ୍ ପ୍ରସାଦ ସାହୁ ୧୩ରନ୍ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟର ୨ଅଙ୍କ ଛୁଇଁ ପାରିନଥିଲେ। ଗ୍ରୀନ୍ସ ପକ୍ଷରୁ ଦେବୀ ପ୍ରସାଦ ରାଉତ ୯ରନ୍ ପ୍ରଦାନ କରି ୫ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଗ୍ରୀନ୍ସ ୩.୨ ଓଭରରେ କୌଣସି ୱିକେଟ୍ ନହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ପାରାମାଉଣ୍ଟ ସ୍ପୋର୍ଟିଂର ସଭାପତି ପ୍ରତାପ କୁମାର ଜେନା ଅତିଥି ଭାବେ ଯୋଗଦେଇ ବିଜୟୀ ଦଳର ଦେବୀ ପ୍ରସାଦଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଶରତ ଚନ୍ଦ୍ର ସାହୁ ଓ ପ୍ରଦୀପ କୁମାର ମ୍ୟାଚ୍ ପରିଚାଳନା କରିଥିବାବେଳେ ଅଭିଷେକ ମହାନ୍ତି ସ୍କୋରର କାର୍ଯ୍ୟ ସମ୍ପାଦନ କରିଥିଲେ।

ଲିଭରପୁଲ୍ ୩-୩ ଆଷ୍ଟନ ଭିଲ୍ଲା

ଲଣ୍ଡନ,୧୪।୫(ଏଜେନ୍ସି): ଚଳିତ ଇଂଲିଶ ପ୍ରିମିୟର ଲିଗ୍‌ରେ ଲିଭରପୁଲ ଓ ଆଷ୍ଟନ ଭିଲ୍ଲା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୩-୩ ଗୋଲ୍‌ରେ ଡ୍ର' ରହିଛି। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଏମିଲିଆନୋ ମାର୍ଟିନେଜଙ୍କ ଆତ୍ମଘାତୀ ଗୋଲ୍ ବଳରେ ଲିଭରପୁଲ ଅଗ୍ରଣୀ ହାସଲ କରିଥିଲା। ମାତ୍ର ୧୨ତମ ମିନିଟ୍‌ରେ ଆଷ୍ଟନ ଭିଲ୍ଲା ପକ୍ଷରୁ ୟୁରି ଟେଲିମାନ୍ସ ଗୋଲ ପରିଶୋଧ କରିଦେଇଥିଲେ। ୨୩ତମ ମିନିଟ୍‌ରେ ଲିଭରପୁଲ ପକ୍ଷରୁ କୋଡି ଗାକପୋ ଦ୍ୱିତୀୟ ଗୋଲ୍ କରିଥିଲେ। ସେହିପରି ୪୮ତମ ମିନିଟ୍‌ରେ ଜାରେଲ ଆମୋରିନଙ୍କ ଗୋଲ୍ ବଳରେ ଲିଭରପୁଲ ୩-୧ ଗୋଲ୍‌ରେ ଅଗ୍ରଣୀ ହାସଲ କରି ବିଜୟ ପଥ ପ୍ରସ୍ତୁତ କରିଥିଲା। ଆଷ୍ଟନ ଭିଲ୍ଲା ଜୋରଦାର ଆକ୍ରମଣ କରିଥିଲା। ଶେଷରେ ୮୫ ଓ ୮୮ତମ ମିନିଟ୍‌ରେ ଜୋନ ଡ୍ୟୁରାନ ୨ଟି ଗୋଲ କରିବା ଫଳରେ ଲିଭରପୁଲର ବିଜୟ ଆଶା ମଉଳି ଯାଇଥିଲା। ଏହି ମ୍ୟାଚ୍‌ରୁ ଲିଭରପୁଲ ୧ ପଏଣ୍ଟ ହାତେଇବାରେ ସଫଳ ହୋଇଥିଲା। ୩୭ଟି ମ୍ୟାଚରୁ ୨୩ ବିଜୟ ଓ ୧୦ ଡ୍ର' ସହ ଲିଭରପୁଲ ମୋଟ୍ ୭୯ ପଏଣ୍ଟ ଅର୍ଜନ କରିଛି। ପଏଣ୍ଟ ତାଲିକାରେ ଦଳ ତୃତୀୟ ସ୍ଥାନରେ ରହିଛି। ଅନ୍ତିମ ରାଉଣ୍ଡ୍‌ରେ ଦଳ ଉଲ୍‌ଭସ୍‌କୁ ଭେଟିବ।

ନଜମୁଲ ଅଧିନାୟକ, ଆହତ ଟସ୍କିନ ସାମିଲ

ଢାକା, ୧୪।୫ (ଏଜେନ୍ସି): ବାଂଲାଦେଶ କ୍ରିକେଟ୍ ବୋର୍ଡ଼ (ବିସିବି) ଆଗାମୀ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପାଇଁ ଆଜି ୧୫ଜଣିଆ ଦଳ ଘୋଷଣା କରିଛି। ଗତ ଜିମ୍ବାୱେ ବିପକ୍ଷ ସିରିଜରେ ଆହତ ହୋଇଥିବା ପେସ୍ ବୋଲର ଟସ୍କିନ ଅହମ୍ମଦଙ୍କୁ ଦଳରେ ସାମିଲ କରାଯାଇଛି ଏବଂ ତାଙ୍କୁ ଉପଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଶ୍ୱକପ୍ ପୂର୍ବରୁ ସେ ଫିଟ୍ ହୋଇଯିବେ ବୋଲି ମୁଖ୍ୟ ଚୟନକର୍ତ୍ତା ଗାଜି ଅସ୍ରଫ ପ୍ରକାଶ କରିଛନ୍ତି। ନିୟମିତ ଅଧିନାୟକ ନଜମୁଲ ହୋସେନ ଶାନ୍ତୋ ପ୍ରଥମ ଥର ବିଶ୍ୱକପ୍‌ରେ ଦଳର ନେତୃତ୍ୱ ନେବେ। ଭେଟେରାନ ଅଲରାଉଣ୍ଡର ସାକିବ ଅଲ୍ ହାସନ, ଅଭିଜ୍ଞ ବ୍ୟାଟର ଲିଟନ ଦାସ ସ୍ଥାନ ବଜାୟ ରଖିଛନ୍ତି। ସାକିବ ବର୍ଷେ ପରେ ଗତ ଜିମ୍ବାୱେ ବିପକ୍ଷ ସିରିଜରେ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ୨ଟି ମ୍ୟାଚ୍ ଖେଳି ୫ଟି ୱିକେଟ୍ ନେଇଥିଲେ। ବାଂଲାଦେଶ ଚଳିତ ମାସ ଆମେରିକା ଗସ୍ତ କରି ଘରୋଇ ଦଳ ବିପକ୍ଷରେ ୩ଟି ଟି-ଟ୍ୱେଣ୍ଟି ଖେଳିବ। ଏହାପରେ ଦଳ ଆଗାମୀ ଜୁନ ୮ ତାରିଖରେ ଶ୍ରୀଲଙ୍କା ବିପକ୍ଷରେ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ।

ବାଂଲାଦେଶ ଦଳ: ନଜମୁଲ ହୋସେନ ଶାନ୍ତୋ (ଅଧିନାୟକ), ଟସ୍କିନ ଅହମ୍ମଦ (ଉପଅଧିନାୟକ), ଲିଟନ ଦାସ, ସୌମ୍ୟ ସରକାର, ତନଜିଦ ହାସନ, ସାକିବ ଅଲ୍ ହାସନ, ତୌହିଦ ହୃଦୟ, ମହମୁଦୁଲ୍ଲା, ଜାକର ଅଲି, ତନଭୀର ଇସଲାମ, ମେହଦି ହାସନ, ରିସଦ ହୋସେନ, ମୁସ୍ତାଫିଜୁର ରେହମାନ, ସରିଫୁଲ ଇସଲାମ, ତନଜିମ୍ ହାସନ। ଅତିରିକ୍ତ- ହାସନ ମହମୁଦ, ଅଫିଫ ହୋସେନ।

ଆଇସିସି ମହିଳା ଟି-ଟ୍ୱେଣ୍ଟି ମାନ୍ୟତା ତାଲିକା
ହର୍ମନପ୍ରୀତ, ରିଚା ଉଠିଲେ

ଦୁବାଇ, ୧୪।୫ (ଏଜେନ୍ସି): ଘରୋଇ ବାଂଲାଦେଶ ବିପକ୍ଷରେ ଟି-ଟ୍ୱେଣ୍ଟି ସିରିଜ ମୂଳପୋଛ କରିବା ପରେ ଭାରତୀୟ ଖେଳାଳିଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ବ୍ୟାଟିଂ ମାନ୍ୟତା ତାଲିକାରେ ଅଧିନାୟିକା ହର୍ମନପ୍ରୀତ କୌର ୩ଟି ସ୍ଥାନ ଉଠି ୧୩ତମ ଏବଂ ୱିକେଟ୍ କିପର ବ୍ୟାଟର ରିଚା ଘୋଷ ୨୩ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ବାଂଲାଦେଶ ବିପକ୍ଷରେ ହର୍ମନପ୍ରୀତ ୧୦୫ରନ୍ କରିଥିଲେ। ଓପନର ସ୍ମୃତି ମନ୍ଧନା ପଞ୍ଚମ ସ୍ଥାନ ବଜାୟ ରଖିଥିବାବେଳେ ଅଷ୍ଟ୍ରେଲିଆର ବେଥ୍ ମୁନିଙ୍କ ଶୀର୍ଷ ସ୍ଥାନ ଅପରିବର୍ତ୍ତିତ ରହିଛି।

ବୋଲିଂ ମାନ୍ୟତା ତାଲିକାରେ ଇଂଲଣ୍ଡର ସୋଫି ଏକ୍ଲେଷ୍ଟୋନ୍ ଓ ଭାରତର ଦୀପ୍ତି ଶର୍ମା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟ ଭାରତୀୟ ବୋଲର ରାଧା ଯାଦବ ୭ଟି ସ୍ଥାନ ଉନ୍ନତି ଘଟାଇ ୨୩ତମ ଏବଂ ଟିଟାସ୍ ସାଧୁ ୬୦ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଅନ୍ୟ ପଟରେ ପେସ୍ ବୋଲର ରେଣୁକା ସିଂହ ୩ଟି ସ୍ଥାନ ଖସି ନବମରେ ରହିଛନ୍ତି। ଅଲରାଉଣ୍ଡର ମାନ୍ୟତା ତାଲିକାରେ ଦୀପ୍ତିଙ୍କ ଚତୁର୍ଥ ସ୍ଥାନ ସୁରକ୍ଷିତ ରହିଛି।

ଶ୍ରେଷ୍ଠ-୨୫ରେ ସ୍ଥାନ ପାଇବାରେ ମନିକା ପ୍ରଥମ ଭାରତୀୟ

ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ (ଆଇଟିଟିଏଫ୍) ମାନ୍ୟତା ତାଲିକାରେ ଭାରତର ମହିଳା ତାରକା ମନିକା ବାତ୍ରା ଇତିହାସ ରଚିଛନ୍ତି। ସେ ପ୍ରଥମ ଭାରତୀୟ ମହିଳା ସିଙ୍ଗଲ୍ସ ଖେଳାଳି ଭାବେ ଶ୍ରେଷ୍ଠ-୨୫ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଗତ ସାଉଦି ସ୍ମାସ୍ ଟୁର୍ଣ୍ଣାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ ବଳରେ ମନିକା ୧୫ଟି ସ୍ଥାନ ଉନ୍ନତି ଘଟାଇ ୨୪ତମ ସ୍ଥାନରେ ପହଞ୍ଚିଛନ୍ତି। ପୂର୍ବରୁ ସେ ୩୯ତମ ସ୍ଥାନରେ ରହିଥିଲେ। ଏଥିସହ ମନିକା ଭାରତର ଏକ ନମ୍ବର ମହିଳା ଖେଳାଳି ମାନ୍ୟତା ଫେରିପାଇଛନ୍ତି। ସାଉଦି ସ୍ମାସ୍ ଟୁର୍ଣ୍ଣାମେଣ୍ଟରେ ସେ ବିଶ୍ୱର ୨ନଂ ଖେଳାଳି ଚୀନର ୱାଙ୍ଗ୍ ମନ୍ୟୁଙ୍କୁ, ୧୪ତମ ସ୍ଥାନରେ ଥିବା ନୀନା ମିତେଲହାମ୍‌ଙ୍କୁ ହରାଇ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିଲେ।

ପୁରୁଷ ସିଙ୍ଗଲ୍ସ ମାନ୍ୟତା ତାଲିକାରେ ଅଚାନ୍ତ ଶରତ କମଲ ୩ଟି ସ୍ଥାନ ଖସି ୪୦ତମ ସ୍ଥାନରେ ରହିଛନ୍ତି। ସେହିପରି ମାନବ ଠାକର ୬୨ତମ, ହରମିତ ଦିଷାଇ ୬୩ତମ ସ୍ଥାନରେ ରହିଛନ୍ତି। ମହିଳା ଡବଲ୍ସରେ ସୁତୀର୍ଥା ଓ ଆହିକା ମୁଖାର୍ଜୀ ଯୋଡ଼ି ଗୋଟିଏ ସ୍ଥାନ ଉନ୍ନତି ଘଟାଇ ୧୩ତମ ସ୍ଥାନ ଅଧିକାର କରିଛନ୍ତି। ମିକ୍ସଡ୍ ଡବଲ୍ସରେ ମନିକା ଓ ସାଥିୟାଁ ଯୋଡ଼ି ୨୪ତମ ସ୍ଥାନରେ ରହିଛନ୍ତି।

ରିୟଲ ସୋସିଏଡାଡକୁ ହରାଇଲା ବାର୍ସେଲୋନା

ମାଡ୍ରିଡ,୧୪।୫(ଏଜେନ୍ସି): ଚଳିତ ସ୍ପାନିଶ ଲା' ଲିଗାରେ ଏଫ୍‌ସି ବାର୍ସେଲୋନା ୨-୦ ଗୋଲ୍‌ରେ ରିୟଲ ସୋସିଏଡାଡକୁ ପରାସ୍ତ କରିଛି। ଘରୋଇ ଗ୍ରାଉଣ୍ଡ୍‌ରେ ଖେଳୁଥିବା ବାର୍ସେଲୋନା ମ୍ୟାଚ୍ ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିଥିଲା। ୪୦ତମ ମିନିଟ୍‌ରେ ଲାମିନ ୟମାଲଙ୍କ ଗୋଲ୍ ବଳରେ ଘରୋଇ ଦଳ ଅଗ୍ରଣୀ ହାସଲ କରିଥିଲା। ଶେଷରେ ୯୦+୩ତମ ମିନିଟ୍‌ରେ ଦଳକୁ ଏକ ପେନାଲ୍ଟି ମିଳିଥିଲା ଓ ରଫିନା ଏହାକୁ ଗୋଲରେ ରୂପାନ୍ତରିତ କରିଥିଲେ। ସୂଚନାଯୋଗ୍ୟ, ଲା'ଲିଗାର ଟାଇଟଲ ଚଡ଼ାନ୍ତ ହୋଇ ସାରିଛି। ରିୟଲ ମାଡ୍ରିଦ ଚଳିତ ବର୍ଷ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିସାରିଛି। ରିୟଲ ମାଡ୍ରିଦ ୩୫ଟି ମ୍ୟାଚ୍‌ରୁ ମୋଟ୍ ୯୦ ପଏଣ୍ଟ ଅର୍ଜନ କରିସାରିଛି। ବାର୍ସେଲୋନା ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୭୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଲିଗ୍ ପର୍ଯ୍ୟାୟରେ ଆଉ ୩ଟି ମ୍ୟାଚ୍ ବାକି ରହିଛି। ତେଣୁ ବାର୍ସେଲୋନା ଶେଷ ୩ଟି ଯାକ ମ୍ୟାଚ୍ ଜିତିଲେ ମଧ୍ୟ ରିୟଲ ମାଡ୍ରିଦର ପଏଣ୍ଟକୁ ଅତିକ୍ରମ କରିପାରିବ ନାହିଁ।

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 03/ET/SBP/ENGG/2024-25 ତା. 06.05.2024 ରିଖ

1) ଇ-ଟେଣ୍ଡର ସଂ. 03-eT-SDENW-SBP-24
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ବୃନ୍ଦାପଦ୍ମା ରୋଡ୍ (IN) - ଟିଟିଲାଗଡ଼ (EX) ସେକ୍ସନ ମଧ୍ୟରେ CESS ବିଭାଗ ଏବଂ ତ୍ରୁଟି ନିଷ୍ପାଦନ ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 1,56,85,874.30, EMD (₹): 2,28,500.00, କାର୍ଯ୍ୟ ଶେଷ ହେବା ଅବଧି : 06 (ଛ) ମାସ।

2) ଇ-ଟେଣ୍ଡର ସଂ. 04-eT-DENS-SBP-24
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସମ୍ବଲପୁର- ଟିଟିଲାଗଡ଼-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ CESSର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 2,24,51,940.47, EMD (₹): 2,62,300.00, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (ଉଭୟ ଟେଣ୍ଡର ନିମନ୍ତେ) ତା.31.05.2024ରିଖ 1500 ଘଣ୍ଟିକାରେ।

[illegible]

ଉପରୋକ୍ତ ଇ-ଟେଣ୍ଡରର ବିସ୍ତୃତ ବିବରଣୀ ଓ ଟେଣ୍ଡର ଦସ୍ତାବିଜ ସହିତ ଓ୍ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।

[illegible]

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-115/P/24-25

MCL ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
[illegible]
www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5207

ଭାରତ-ଦ.ଆଫ୍ରିକା ମହିଳା ଦ୍ୱିପାକ୍ଷିକ ସିରିଜ କ୍ରୀଡ଼ାସୂଚୀ
ଚେନ୍ନାଇରେ ଖେଳାଯିବ ଏକମାତ୍ର ଟେଷ୍ଟ

ଖେଳିବେ ୩ ଦିନିକିଆ, ୩ ଟି-ଟ୍ୱେଣ୍ଟି

ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ଘରୋଇ ଭାରତୀୟ ମହିଳା ଦଳ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଆଗାମୀ ଦ୍ୱିପାକ୍ଷିକ କ୍ରିକେଟ୍ ସିରିଜ ପାଇଁ ଆଜି କ୍ରୀଡ଼ାସୂଚୀ ଘୋଷଣା ହୋଇଛି। ଉଭୟ ଦଳ ମଧ୍ୟରେ ଗୋଟିଏ ଟେଷ୍ଟ, ୩ଟି ଦିନିକିଆ ଏବଂ ୩ଟି ଟି-ଟ୍ୱେଣ୍ଟି ଖେଳାଯିବ। ଏକ ଦଶନ୍ଧି ପରେ ଦକ୍ଷିଣ ଆଫ୍ରିକା ଦଳ ଭାରତ ଗସ୍ତରେ ଟେଷ୍ଟ ମ୍ୟାଚ୍ ଖେଳିବ। ପୂର୍ବରୁ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍‌ରେ ଭାରତ ଇନିଂସ୍ ବିଜୟ ହାସଲ କରିଥିଲା।

ଉଭୟ ଦଳ ମଧ୍ୟରେ ଏକ ଦିନିକିଆ ଅଭ୍ୟାସ ମ୍ୟାଚ୍‌ରୁ ଗସ୍ତସୂଚୀ ଆରମ୍ଭ ହେବ। ଆଗାମୀ ଜୁନ୍ ୧୩ ତାରିଖ ବେଙ୍ଗାଲୁରୁ ଠାରେ ବୋର୍ଡ଼ ସଭାପତି ଏକାଦଶ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏହି ମ୍ୟାଚ୍ ଖେଳାଯିବ। ଏହାପରେ ଆଇସିସି ମହିଳା ଚାମ୍ପିଅନସିପ୍ ଅନ୍ତର୍ଗତ ୩ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ (ଜୁନ ୧୬, ୧୯, ୨୩) ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ୍ ବେଙ୍ଗାଲୁରୁରେ ଖେଳାଯିବ। ଦିନିକିଆ ସିରିଜ ଶେଷ ହେବା ପରେ ଉଭୟ ଦଳ ଚେନ୍ନାଇ ଗସ୍ତ କରିବେ। ସେଠାରେ ଜୁନ ୨୮ରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଉଭୟ ଏକମାତ୍ର ଟେଷ୍ଟ ଖେଳାଯିବ। ୧୯୭୬ ମସିହା ପରେ ଚେନ୍ନାଇରେ ପ୍ରଥମ ଥର ମହିଳା ଟେଷ୍ଟ ଆୟୋଜିତ ହେବ। ଶେଷ ଥର ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଏକ ଟେଷ୍ଟ ଖେଳାଯାଇଥିଲା। ଟେଷ୍ଟ ମ୍ୟାଚ୍ ଶେଷ ହେବା ପରେ ଉଭୟ ଦଳ ମଧ୍ୟରେ ଚେନ୍ନାଇରେ ୩ଟି ଟି-ଟ୍ୱେଣ୍ଟି (ଜୁଲାଇ ୫, ୭, ୯ତାରିଖ) ଖେଳାଯିବ।

ଉପେନ୍ଦ୍ର ଆଇଆର୍‌ଏଫ୍‌ୟୁ ଟୁର୍ଣ୍ଣାମେଣ୍ଟ କମିଟି ସଦସ୍ୟ

ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ଯୁବ ପ୍ରତିଭା ତଥା ଭବିଷ୍ୟତର ଖେଳାଳି ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ ଭାରତୀୟ ରଗବୀ ଫୁଟବଲ୍ ୟୁନିଅନ୍ ବୋର୍ଡ଼ (ଆଇଆର୍‌ଏଫ୍‌ୟୁ) ପକ୍ଷରୁ ୨୦୨୪-୨୫ ସିଜନ ପାଇଁ ୪ଜଣିଆ ଟୁର୍ଣ୍ଣାମେଣ୍ଟ କମିଟି ଗଠନ କରାଯାଇଛି। ଏହି କମିଟିରେ ଓଡ଼ିଶା ରଗବୀ ଫୁଟବଲ୍ ସଂଘର ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ସାମିଲ ରହିଛନ୍ତି। ଆଇଆର୍‌ଏଫ୍‌ୟୁର ସମ୍ପାଦକ ରାହୁଲ ବୋଷ କମିଟିର ଅଧ୍ୟକ୍ଷତା କରିବେ। ଅନ୍ୟମାନଙ୍କ ମଧ୍ୟରେ ସନାୟା ମେହେଟ୍ଟା ବ୍ୟାସ ଏବଂ ବାହବିଜ ବାହରୁଚା କମିଟି ସଦସ୍ୟ ରହିଛନ୍ତି।

ଉପେନ୍ଦ୍ର କହିଛନ୍ତି, ଭାରତ ସରକାର ୨୦୩୬ରେ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ କରିବାକୁ ଯୋଜନା କରୁଛନ୍ତି। ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆଇଆର୍‌ଏଫ୍‌ୟୁ ଏକ ଶକ୍ତିଶାଳୀ ରଗବୀ ଦଳ ଗଠନ ଉପରେ ପ୍ରାଥମିକତା ଦେଉଛି। ସବ୍ ଜୁନିୟର ଏବଂ ଜୁନିୟର ବର୍ଗ ଉପରେ ଆମର ଧ୍ୟାନ ରହିବ। ଆସନ୍ତା ୨ବର୍ଷ ମଧ୍ୟରେ ଜୁନିୟର ଟୁର୍ଣ୍ଣାମେଣ୍ଟରୁ ଯୁବ ପ୍ରତିଭା ଚୟନ କରାଯିବ।

ଗୌରବ ସେମିରେ, ଶିବା ହାରିଲେ

ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): କାଜାଖସ୍ତାନର ଅସ୍ତାନା ଠାରେ ଚାଲିଥିବା ଏଲୋର୍ଡା କପ୍ ବକ୍ସିଂ ଟୁର୍ଣ୍ଣାମେଣ୍ଟରେ ଭାରତର ଗୌରବ ଚୌହାନ ବିଜୟ ଜାରି ରଖି ସେମିଫାଇନାଲ୍‌ରେ ପ୍ରବେଶ କର ଏକ ପଦକ ନିଶ୍ଚିତ କରିଛନ୍ତି। ପୁରୁଷ ୯୪କିଲୋରୁ ଊର୍ଦ୍ଧ୍ୱ କ୍ୱାର୍ଟର ଫାଇନାଲ୍‌ରେ ଗୌରବ ୩-୨ରେ କାଜାଖସ୍ତାନର ଡାନିଏଲ୍‌ଙ୍କୁ ପରାସ୍ତ କରିଥିଲେ। ଅନ୍ୟ ବକ୍ସର ଶିବା ଥାପା ୬୩.୫କିଲୋ ବର୍ଗର ଏକ ବାଉଟ୍‌ରେ ଆୟୋଜକ ଦେଶର ଅବଦୁଆଲି ଅଲମତ୍‌ଙ୍କ ନିକଟରୁ ୪-୧ରେ ପରାଜିତ ହୋଇଥିଲେ।

ସେଣ୍ଟ୍ରାଲ ଏସିଆନ୍ ହ୍ୟାଣ୍ଡବଲ୍
ଭାରତୀୟ ଦଳରେ ଆର୍ଯ୍ୟନ

ଭୁବନେଶ୍ୱର, ୧୪।୫ (ବ୍ୟୁରୋ): ଉଜବେକିସ୍ତାନର ତାସକେଣ୍ଟ୍ ଠାରେ ଆଜିଠୁ ସେଣ୍ଟ୍ରାଲ ଏସିଆନ୍ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଏହି ଚାମ୍ପିଅନସିପ୍ ପାଇଁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଆର୍ଯ୍ୟନ ବ୍ରାହ୍ମିନ ସ୍ଥାନ ପାଇଛନ୍ତି। ୨୦୧୮ ମସିହାରୁ ସେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ଗତ ବର୍ଷ ଅକ୍ଟୋବରରେ ଆର୍ଯ୍ୟନ ଜାତୀୟ ପୁରୁଷ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ପାଇଁ ଦୋହା ଯାତ୍ରା କରିଥିଲେ। ସେ ପୁଣିଥରେ ଜାତୀୟ ଦଳରେ ସ୍ଥାନ ପାଇବା ପରେ ରାଜ୍ୟ ହ୍ୟାଣ୍ଡବଲ୍ କ୍ରୀଡ଼ା ମହଲରେ ଖୁସିର ଲହରୀ ଖେଳିଯାଇଛି। ଓଡ଼ିଶା ହ୍ୟାଣ୍ଡବଲ୍ ସଂଘର ସାଧାରଣ ସମ୍ପାଦକ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, କୋଷାଧ୍ୟକ୍ଷ ସିତେନ୍ଦ୍ରନାଥ ଦାସ ଏବଂ ଭୁବନେଶ୍ୱର ହ୍ୟାଣ୍ଡବଲ୍ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଆର୍ଯ୍ୟନଙ୍କୁ ଶୁଭକାମନା ଜଣାଇଛନ୍ତି।